# ଓଡ଼ିଆ
# ଢଗଢମାଳି



ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର,
ଓଡିଶା, ଭୁବନେଶ୍ୱର

# ଓଡ଼ିଆ ଢ଼ଗଢ଼ମାଳି

ସଂକଳନ : ଶ୍ରୀ ରାମ ପ୍ରସାଦ ମହାନ୍ତି (ଜହୁରୀ ଭାଇ)

ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର ,
ଓଡ଼ିଶା, ଭୁବନେଶ୍ୱର

| | | |
|---|---|---|
| ବହିର ନାମ | : | ଓଡ଼ିଆ ଢ଼ଗଢ଼ମାଳି |
| ଲେଖକ | : | ଶ୍ରୀ ରାମ ପ୍ରସାଦ ମହାନ୍ତି (ଜହ୍ନୁରୀ ଭାଇ) |
| ସମୀକ୍ଷକଗଣ | : | ପ୍ରଫେସର ଶତ୍ରୁଘ୍ନ ନାଥ |
| | | ଶ୍ରୀ ନରସିଂହ ମିଶ୍ର |
| | | ଡ଼ଃ ବିଚିତ୍ରାନନ୍ଦ ମହାନ୍ତି |
| | | ଡ଼ଃ ଉଦ୍ଧବ ଚରଣ ନାୟକ |
| ପ୍ରକାଶନ କାଳ | : | ୧୯୯୫ |
| ପ୍ରକାଶକ ଓ ସ୍ୱତ୍ୱାଧିକାରୀ | : | ନିର୍ଦ୍ଦେଶକ, ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର, ଓଡ଼ିଶା, ଭୁବନେଶ୍ୱର |
| ପ୍ରଚ୍ଛଦ ଓ ଅଙ୍ଗସଜ୍ଜା | : | ଶ୍ରୀ ବ୍ରଜକିଶୋର ଜେନା |
| ମୁଦ୍ରଣ | : | ଲକି ଅଫ୍‌ସେଟ୍ ପ୍ରା. ଲିଃ., ବ୍ରହ୍ମପୁର - ୮ |
| ମୂଲ୍ୟ | : | ଆପଣଙ୍କ ଶୁଭେଚ୍ଛା ଓ ସ୍ୱେଚ୍ଛାକୃତ ସହଯୋଗ |


ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର, ଓଡ଼ିଶା, ଭୁବନେଶ୍ୱର ତାଙ୍କ ଚିଠି ନଂ ୧୬୯ ତା୧୬.୨.୯୫ରିଖ ପ୍ରକାରେ ବହିଟିକୁ ଭଂଜ ସାକ୍ଷରତା ପରିଷଦ, ଗଞ୍ଜାମଙ୍କ ତରଫରୁ ମୁଦ୍ରଣ କରିବା ପାଇଁ ଅନୁମତି ଦେଇଥିବାରୁ ଭଂଜ ସାକ୍ଷରତା ପରିଷଦ, ଗଞ୍ଜାମ କୃତଜ୍ଞତା ଜ୍ଞାପନ କରୁଛି ।

ସଂପାଦକ
ଭଂଜ ସାକ୍ଷରତା ପରିଷଦ




ଅଖ ଘୂରୁଥିଲେ ଚକ ଘୂରୁଥାଏ
ବୁଲି ଯାଉଥାଏ ପହି
ସଂସାର ଭିତରେ ଘର କରିଥିଲେ
ପଥର ପଡ଼ିଲେ ସହି ।

ଅଖାଇ କରିଚି ଓଷା
ଡୋଲିକ ଚାଉଳ ଓଳିକେ ଖାଇଲା
ଦାନ୍ତ ଅଛି ଦରଘଷା ।



ଅଖାଇ ନାନୀ
ସରୁ କାଟେଣୀ
 ବସିଥାଏ ଚୁଲିମୁଣ୍ଡେ
ଘଇତା ଆଗରେ
ସକେଇ କହେ
 କିଛି ଦେଇ ନାହିଁ ତୁଣ୍ଡେ ।

ଅଖା ଧୋଉଥିବି
ଗୁଣ ଗାଉଥିବି ।

ଅଚିନ୍ତା ନାରୀ ବାପଘର ଯାଏ
ମନ ଫୁଲାଣିଆ ଗୀତ ଗାଏ ।

ଅଜା ଜାଣି ନାତି
ମାଛ ଜାଣି କାତି ।

ଅଜାଗା ଘା ଦେଖିହୁଏ ନାହିଁ
କି ଦେଖାଇ ହୁଏ ନାହିଁ ।

ଅଣ୍ଟାରେ ନଥାଇ ଧନ
ପୁଅ ବାହା କରି ମନ ।

ଅଣ୍ଟାରୁ ପଇସା ସାରିବି ନାଇଁ
ପୁଅକୁ ନୁଖୁରା ରଖିବି ନାଇଁ ।

ଅଣ୍ଟିଛୁରୀ ତଣ୍ଟି କାଟେ ।

ଅତି ପରିଚୟେ ଗୌରବ ନଷ୍ଟ ।

ଅତି ଭକ୍ତି ଚୋରର ଲକ୍ଷଣ ।

ଅତି ଲେମ୍ବୁ ଚିପୁଡ଼ିଲେ ପିତା ।

ଅତି ସୁନ୍ଦରୀ ଲୋ ଚହଟ ଗୋରୀ
ଆଗେ ତୋତେ ହେଲି ବିଭା
ଏବେ ଯହୁଁ ଧନ ବୟସ ସରିଲା
ଦାଣ୍ଡେ ବସାଉଛୁ ସଭା ।

ଅଧର୍ମ ବିତ୍ତ ବଢ଼େ ବହୁତ
ଗଲାବେଳେ ଯାଏ ମୂଳ ସହିତ ।





ଅନ୍ଧ ଥରେ ବାଡ଼ି ହଜାଏ ।

ଅପାଳକ ରାଜ୍ୟରେ ବିଜୁଳି ଲକ୍ଷେ ଟଙ୍କା ।

ଅବୁଝା ରଜାଙ୍କୁ ପାଳବିଣ୍ଡା ମନ୍ତ୍ରୀ ।

ଅଭାବରୁ ସ୍ୱଭାବ ନଷ୍ଟ ।

ଅରଜି ଥିଲେ ଗରଜି ଖା ।

ଅରଜେ ଜଣେ ଖାଆନ୍ତି ପଣେ
ତା' ଘରଟି ଡୁବଇ ଦିନେ ।

ଅଳପ ଧନ ବିକଳ ମନ ।

ଆଉ କି ସେଦିନ ଆସିବ
ବାଉଁଶ ଗଛରେ ମଳୟ ଲାଗିଲେ
ଚନ୍ଦନ ପରାଏ ବାସିବ ।

ଆଖୁ, କାକୁଡ଼ି, ନଡ଼ିଆ, ମକା
ଦାନ୍ତ ପଡ଼ିଲେ ତଳକୁ ପକା ।

ଆଗ କାଳିଆ କି ?
କାଳିଆ ହାତରେ ଟଙ୍କା ଟୋକର
କାଳିଆ ମଣିଷ ଚିହ୍ନଇ କି ?



ଆଗରେ ଥିଲେ, ମୋର ମୋର
ପିଠି କଲେ କିଏ କା'ର ?

ଆଙ୍ଗୁଠି ଭିତରେ ମଜି
ଭିତରେ ଭିତରେ ସଲା ସୁତରା
ଉପରେ ଉପରେ କଜି ।

ଆପେ ରାନ୍ଧି ଆପେ ଖାଏ
ସୁଆଦ ସୁଆଦ ବୋଲୁଥାଏ ।

ଆମ୍ବ ଗଛର ଶିଅ
ବୁଢ଼ା ଆଗେ ବୁଢ଼ୀ ସକେଇ କାନ୍ଦେ
ଖଡୁ ବଦଳେଇ ଦିଅ ।

ଆମ୍ବ ଗଛରେ ତ ଆମ୍ବ ନାହିଁ
ଫୋପଡ଼ କାହିଁକି ମାରୁ ।
ଅଣ୍ଡା ଦରାଣ୍ଡିଲେ ପଇସା ନାଇଁ
ଆଖି କାହିଁ ପାଇଁ ମାରୁ ?

ଆରେ ଭ୍ରମଣା
ବୁଲି ବୁଲି ସେଇ ପାଟ ଅଗଣା ।

ଆରେ ଭାଇ
ଅରଜି ପାରିଲେ ଗରଜି ଖାଇ ।



ଆରେ ହେ
ଯେତେ ବେଳେ ଯେ ।

ଆଲୋ ସଖୀ
ଆପଣା ମହତ ଆପେ ରଖି ।

ଆ'ଲୋ ମୁତୁରୀ ଶୋଇବା
ତୁ ତ ମୁତୁରୀ, ମୁଁ ତ ମୁତୁରୀ
ହେଁସ କାହିଁ ପାଇଁ ଧୋଇବା ।

ଆଶା କରିଥିଲି ତୋତେ
କାଉକୁ ଯେମନ୍ତ କୋଇଲି ଭଣ୍ଡାଏ
ସେହିପରି କଲୁ ମୋତେ ।

ଆସିଚି ଏକା, ଯିବି ଏକା
ସାଙ୍ଗରେ ନଯିବେ ପିଲା ପିଚିକା ।

ଭଜି ଘାଆଁରେ କୁଜି
ଯେଉଁ ଗାଆଁରେ ଦେବତା ନାହାନ୍ତି
ଶିଳ ଶିଳପୁଅ ପୂଜି ।

ଉଣା ହିଡ ଯେଉଁଠି
ପାଣି ଗଡ଼େ ସେଇଠି ।

ଉଧାର ମିଳିଲେ କିଣନ୍ତି ହାତୀ
ଶୁଝିଲେ ଶୁଝିବ ପୁଅର ନାତି ।

ଉପରେ ଉପରେ ପାଣି ଛିଞ୍ଚୁଚି
ଭିତରେ ଭିତରେ ଶିଅ କାଟୁଛି ।

ଉପକାରିଆ ବନ୍ଧୁ
ଆମ୍ବ ଆଣି ନାହିଁ, ଶିମ୍ବ ଆଣିନାହିଁ
ଆଣିଚି କଷା କେନ୍ଦୁ ।

ଉଳୁରା ଘର, ମୁକୁଳା ବାଳ
ଏହା ନରଖିବ ବହୁତ କାଳ ।

ଏଇ କଥାକୁ,
ନାଆ ପେଲିଦେଲି କଲିକତାକୁ ।

ଏକା ଆଖି ଆଖି ନୁହଁ
ଏକା ସାକ୍ଷୀ ସାକ୍ଷୀ ନୁହଁ ।

ଏକା ତୁଣ୍ଡରେ ଉଆ ଉଷୁନା ।

ଏକା ମାଧିଆ ବାଇଶି ପଳ ।



ଏ କୋଠି ନିପିଲି ସେ କୋଠି ନିପିଲି
ନାଉଫୁଲ ଦେଲି ଝୋଟି
ଶୋଇଲା ଶେଯରେ କଥା ନକହିଲେ
ହୃଦୟ ଯାଉଛି ଫାଟି ।

ଏ ଘରେ ମାଉସୀ
ସେ ଘରେ ପିଉସୀ ।

ଏଣୁଅ ଦଉଡି କିଆବୁଦାକୁ ।

ଏଣୁ ମାଇଲେ ଗୋ ହତ୍ୟା
ତେଣୁ ମାଇଲେ ବ୍ରହ୍ମ ହତ୍ୟା ।

ଏଣେ ପୁଅ ମୁଣ୍ଡକୁ ଆଶା
ତେଣେ ତେଲ ଘଡ଼ିକି ଆଶା ।

ଏ ସନ ମଲୁ, ଆର ସନକୁ ବଇଦ ।



ଏମିତି ସଭରେ ବସି ଯାଇଥିବ
କେହି ନକହିବେ ଉଠ୍
ଏମିତି ମଜାରେ କହି ଯାଉଥିବ
କେହି ନକହିବେ ଝୁଟ୍ ।

ଏମିତି ଚଞ୍ଚଳୀ ଏ ଘରେ ଥିଲା
ତୁଛା ଖାଇ ବୁଢ଼ା ହାଟକୁ ଗଲା !

ଏମିତି ଜଣେ
କାଲି ଦେଖିଥିଲି କବାଟ କଣେ
ଆଜିତ ଦେଖିଲି ବାଉଁଶ ବଣେ ।

ଏସା କରେଙ୍ଗା
ତେସା କରେଙ୍ଗା
ସିପାହୀ ଦେଖିଲେ ଶୋଇ ପଡ଼େଙ୍ଗା ।

ଋଷି ଘରକୁ ମହାଋଷି ଗଲେ
ଝିରା ଭିତରୁ ଶିରା କାଢ଼ିଲେ ।

ଓଢଣା ପଡ଼ିଛି ନାକ ସରିକି
ତୁଣ୍ଡ ଶୁଭୁଅଛି ଚଉପାଢ଼ୀକି ।

ଓଳି ଗୁଣେ କୋଳି
ପଲମ ଗୁଣେ ସରୁ ଚକୁଳି ।

ଓଲୁଅ ତିଆରେ ବଣ ସାରୁକୁ
ତୋର ମୋର ଯିବା ବିଭାଘରକୁ ।

ଓଲେଇ ଚୋରଣୀ ହାଣ୍ଡିରେ ଖାଏ
ଗୋଡ଼ରେ ପଡ଼ିଲେ ଗାଧୋଇ ଯାଏ ।



କଇଁ ଫୁଲିଆ ନାଗର ବର
ଶିମିଳି ଫୁଲରେ ବାଇ
ପୋକଶୁଙ୍ଘା ଫୁଲ ଗୋଟିଏ ପାଇ
ବୁଲୁଥାଏ ସାଇ ସାଇ ।

କଖାରୁ ଚୋର, ଲାଉ ଚୋର
ଚୋରାଉ ଚୋରାଉ ବଡ଼ା ଚୋର ।

କଟକ ସହର ଡ଼ିବ୍ବି ଡ଼ିବ୍ବି
ବାପା ଡାକୁନାଇଁ ଭାଇ ଡାକୁନାଇଁ
ନିତି ବୋଲୁଥାଇ ଯିବି ଯିବି ।

କର୍ଣ୍ଣ ମଲେ ପାଞ୍ଚ
ଅର୍ଜ୍ଜୁନ ମଲେ ପାଞ୍ଚ ।

କଣ୍ଟା ଫିରିକି
ଏତେ ଗୁଣ ବୋଲି ଜାଣିଥିଲିକି ?

ବେଳସୁଁ ନକହିଲ
ଫୁଲ ପରା କରି ଟେକି ଧରିଥିଲ
କଚାଡ଼ି ପକାଇଲ ।

କଥାକୁ ମାଜିଲେ ମୋଟ
ସୂତାକୁ ମାଜିଲେ ସରୁ ।

କଥା କହୁଥାଏ କେଉଁ ରସରେ
ମୋତେ ଲାଗୁଥାଏ ପରିହାସରେ ।

କରମ ପଡ଼ିଲେ ଧରମ ଛାଡ଼େ
ସରମ କଥାରେ ମରମ ସଢ଼େ ।

କରମ ଦଶା
ଯେ ଫଳ ଖାଇଲେ ସେ ଫଳ କଷା ।

କରମ ଲିଖନ
କେ କରିବ ଆନ ?

କରୁ ଯଦି ଡ଼ରୁ କାହିଁକି
ଡରୁ ଯଦି କରୁ କାହିଁକି ?

କରୁଛି ତପ
ମାଳି ଗଡ଼ଉଛି ଟଅପ ଟପ ।

କଳି ଯେବେ କରି ବସିବ
ସଙ୍ଗେ ଥିବ ଭାଇ
ଦୁଧ ଯେବେ ଖାଇ ବସିବ
ଘରେ ଥିବ ଗାଇ ।





କଂସା ମୁହଁରେ ଜଉ
ଭାଙ୍ଗିଗଲା ମନ ହେବକି ଯୋଡ଼ି
ଯେତେ କଅଁଳେଇ କହୁ ।

କଂସାରୀ ଘରର ପାରା
ତାକୁ କୁଲା ଢାଉଁ ଢାଉଁ ଡ଼ରା ।

କହି ଜାଣିଲେ କଥା ସୁନ୍ଦର
ବାନ୍ଧି ଜାଣିଲେ ମଥା ସୁନ୍ଦର ।

କହି ଦେଉଥାଏ ପରକୁ
ବୁଦ୍ଧି ନ ଦିଶଇ ଘରକୁ ।

କହି ନଜାଣିଲେ କଥା ଅଡୁଆ
ଧରି ନଜାଣିଲେ ସୂତା ଅଡୁଆ ।

କହି ପୋଛି ପାରେ ଯେ
ପଚା ଚିଙ୍ଗୁଡ଼ି ବିକେ ସେ ।

କହିଲେ କୁଳ କୁଟୁମ୍ବକୁ ଲାଜ
ନକହିଲେ କୁଳ ଭାସି ଯାଉଛି ।

କହିବି ନାହିଁ
କହିଲେ ଏ ଘରେ ରହିବି ନାହିଁ
ତାଟି କିଳା ମାଡ଼ ସହିବି ନାହିଁ
ଖଣ୍ଡିଆ ପଥୁରି ଧୋଇବି ନାହିଁ ।

କହିବାର କଥା, କି' ଯାଉଚି
ନଅଟା ଧାନରେ ଛଅଟା ଚକୁଳି
କି' ପାଖେ ଘିଅ ବୋହି ଯାଉଛି ।

କହିଲା ଲୋକକୁ ଲାଜ ନାହିଁ
ଶୁଣିଲା ଲୋକକୁ ଲାଜ ।

କାଉ କୋଇଲି ଏକା ବର୍ଣ୍ଣ
ରାବିଲା ବେଳେ ଭିନ୍ନ ଭିନ୍ନ ।

କାଉ ଖାଏ ପଣସ
ବଗ ମୁଣ୍ଡରେ ଅଠା ।

କାଉଁରିଆ କାଠି
ଭାଙ୍ଗିବ ପଛେ ନଇଁବ ନାହିଁ ।

କାଖରେ ପତର, ହାତରେ ଲୁଣ
ମିଛରେ ବୋଲଇ ତିନି ତିଅଣ ।



କାଟି ନଜାଣି କଟୁରୀ ଦୋଷ
ଚାଲି ନଜାଣି ବାଟର ଦୋଷ ।

କାଠ କହିଲା-ମୋତେ କିଏ ହାଣୁଚି ?
ତୋ' ଭାଇ ତା ଭିତରେ ପଶି ହାଣୁଚି ।

କାନ ଥିଲେ ସୁନା ନାହିଁ
ସୁନା ଥିଲେ କାନ ନାହିଁ ।

କାନ୍ଦୁଥିବ
ଯାହା ପାଉଥିବ ବାନ୍ଧୁଥିବ ।

କାଳକ ଯାକ ଥିଲା ବର୍ଷି
ଆଷାଢ଼ ମାସରେ ପାରୁଚି ଘସି ।

କାଳକ ଗଲା ଅନ୍ଧାର ଘର
ଲାଗିଚି ଏବେ ଯୋଡ଼ି ମଶାଲ ।

କାଲ ଠାର କାଲ ମାଆ ଜାଣେ ।

କାଲିକା ଯୋଗୀ-ମୁଣ୍ଡରେ ଜଟା ।

କାଲିକା କଥା ଆଜିକୁ ଅନ୍ତର ।

କାହା କରମରେ ଖିରି ଖିରିସା
କାହା କରମରେ ଲଡୁ
କାହା କରମରେ ଖାରିଆ ଖଡ଼ା
ଚୋବାଇ ଚୋବାଇ ମରୁ ।

କାହା ମୁହଁକୁ ଧାନ ଭରଣେ
କାହା ମୁହଁକୁ ପାଳ ଭରଣେ ।

କାହାକୁ କହିବା
କପାଳରେ ସିନା କର ମାରିବା ।

କାହାର ପୁଷ ମାସ
କାହାର ସର୍ବନାଶ ।

କାହାକୁ ଦେଖିଲେ କିସ ପରି
ଆମକୁ ଦେଖିଲେ ବିଷ ପରି ।

କାମ୍ପି କି ଜାଣେ କର୍ପୁର ଗୁଣ
ଶୁଙ୍ଘି ଶୁଙ୍ଘି କହେ ସୈନ୍ଧବ ଲୁଣ ।

କିଛି କହେ ନାହିଁ ସରମରେ
ପଦିଏ ପଦିଏ କହି ଦେଉଥାଏ
ବାଜି ଯାଉଥାଏ ମରମରେ ।

କୀଚକ ବାହୁବଳେ ବିରାଟ ରଜା ।



କୁରୁବଳଙ୍କର ଖାଉଛି
ପାଣ୍ଡବଙ୍କର ଗାଉଛି ।

କୁଳ କ୍ଷୟ ବେଳକୁ
ଘୋଡ଼ାମୁହାଁ ପୁଅ ଜନ୍ମ ।

କୁସୁମ ପରଶେ ପଟ ନିସ୍ତରେ ।


କହି ଦେଉଥାଏ ସିନା
ତୁହାଇ ତୁହାଇ ପୁଟ ଦେଉଥିଲେ
ଲୁହା କି ହୋଇବ ସୁନା ?

ଲୁଣାକ ଚାଉଳ କୁକୁରକୁ ଦେଇ
ଖୁଦ ମୁଠାକୁ ତୋ ଆଶା ?

କୁଲାରେ କାଟିଲି ଲାଉ
ସବୁ ଦିନ କଥା ମନରେ ଅଛି
ଦିନେ ତ ସାଧିବି ଦାଉ ।

କେଉଟ ଧରେ ମାଛ, ଖାଏ କଙ୍କଡ଼ା ।

କେଉଁଠି ଘାଇ ମୁହଁରେ ଯାଉଚି
କେଉଁଠି ବାଲି ଜଳା ବୁଜା ହେଉଚି ।



କେଉଁ ବାହାକୁ
ଦୁଇ ଗୋଡ଼ରେ ଅଳତା ।

କେତେ ଘାଣ୍ଟିବ ଘାଣ୍ଟୁ
ତିଅଣ ସ୍ୱାଦ କି ଜାଣିବ ଚଟୁ ?

କେତେବେଳେ ଶଗଡ଼
ଉପରେ ନାଆ
କେତେବେଳେ ନାଆ
ଉପରେ ଶଗଡ଼ ।

କେମନ୍ତ କଥା
ପାକଲା ବାଳରେ ମହଣ ସୁନ୍ଥା ।

କ୍ରୋଧ ଠାରୁ ଶତ୍ରୁ ନାହିଁ,
ବୋଧ ଠାରୁ ମିତ୍ର ନାହିଁ ।

କ୍ଷୋପେ ବର ନଇଲେ ତପେ ବର ।

କ୍ଷୋଣେ ଗଲେ ପୋଷେ ମିଳେ ।

ଖଡ୍ଗ ବିକି କରି ରଖିଲି ଦାସୀ
ସେ ହେଲା ସାଆନ୍ତାଣୀ,
ମୁଁ ପରବାସୀ ।



ଖଜୁରୀ ଗଛର କି ଗୁଣ ଗାଇବି
ସେତ ମୂଳରୁ ପାହାଚ ପାହାଚ ।

ଖଣ୍ଡରେ ମୋହିଁଲେ କ୍ଷୀରରେ ଧୋଇଲେ
ଲିମ୍ବ କି ମଧୁର ହୋଇବ
ଯେତେ ପରକାରେ ବୁଝାଇ କହିଲେ
ପର କି ଆପଣା ହୋଇବ ।

ଖାଇଲା ଘର ପୁଅ ରଙ୍କ ।

ଖାଇଲା ବେଳକୁ ସାତ ପୁଅ ମା
ହୁଳହୁଳି ଦେଲା ବେଳକୁ
ଜିଭରେ ଘା ।

ଖାଇ ସାରିଲେ ଗାଇ କି ଯିବି
ଖାଇ ସାରିଲି କାହିଁକି ଯିବି ?

ଖୁଣ୍ଟି ଖାଉଥିଲୁ ମଦରଙ୍ଗା ଶାଗ
ପିଠି ଖାଉଥିଲା ଖରା
କାଲି ଚାଟୁଥିଲୁ ଅଇଁଠା ପତର
ଆଜି ରୁଚୁ ନାହିଁ ବରା ।

ଖୋଇଲି ପେଇଲି ନ ହେଲି କିଛି
ଅଧିକାର କଲା ଗୁହାଳ ପୋଛି ।

ଖୋଳ ପର୍ବତ ମାର ମୂଷା ।

ଗଙ୍ଗା ଯା ଗୟା ଯା
କର୍ମ ଘେନି ବୁଲୁଥା ।

ଗଙ୍ଗା ବୋଇଲେ ଥିବି
ଗାଙ୍ଗୀ ବୋଇଲେ ଯିବି ।

ଗଙ୍ଗା ଗଲି ଯେତିକି
ଫଳ ପାଇଲି ସେତିକି ।

ଗରଜିଲା ମେଘ ବରଷେ ନାହିଁ
ଭୁକିଲା କୁକୁର କାମୁଡ଼େ ନାହିଁ ।

ଗରିବ ମାଇପ ସବୁରି ଶାଳୀ ।

ଗାଆଣକୁ ଗାଆ କହିଲେ-
ଗାଏ ନାହିଁ
ଡାହାଣୀକୁ ଖାଆ କହିଲେ-
ଖାଏ ନାହିଁ ।

ଗାଈ ମାଇଲେ ମଲି
ଗାଈକି ମାଇଲେ ମଲି ।

ଗାଈ ସହଦେବଙ୍କର
ଷଣ୍ଢ ମହାଦେବଙ୍କର
ବଳଦ ବାପୁଡ଼ା କାହାରି ନୁହଁ ।



ଗାଁ କନିଆ ଶିଙ୍ଘାଣି ନାକୀ ।

ଗାଲୁଆଙ୍କ ବାରବାଟୀ ଚାଷ ।

ଗୁଡ଼ ଘରେ ପିମ୍ପୁଡ଼ି ପରିଛା ।

ଗୁଡ଼ ଚାଖୁ ଚାଖୁ ଯାଏ
ତେଲ ମାଖୁ ମାଖୁ ଯାଏ ।

ଗୁଣ ସୁନ୍ଦର ବୋଲି ଘୋଳି ପିଇବ କି
ରୂପ ସୁନ୍ଦର ବୋଲି ପାରି ଶୋଇବ କି ?

ଗୁଣ ଚିହ୍ନେ ଗୁଣିଆ
ସୁନା ଚିହ୍ନେ ବଣିଆ ।

ଗୋଠ ମାତିଲେ ଖଣ୍ଡିଆ ମାତେ ।

ଗୋଡ଼ାଉଥିବୁ ଧରିବୁ ନାହିଁ
ଉଞ୍ଚାଉଥିବୁ ମାରିବୁ ନାହିଁ ।

ଗୋଦରା କୋଡ଼େ ଯେତେ
ମାଡେ ସେତେ ।

ଗୋରୁ ଲାଙ୍ଗୁଡ ଧରି ବୈତରଣୀ ପାରି ।

ଘର ଦୁଆର ସବୁ ତୋର
କାହିଁରେ ନଦେବୁ ହାତ ।

ଘର ପୋଡ଼ିଯାଉ ପଛେ
ମୂଷା ପାଆନ୍ତୁ କେଞ୍ଚେ ।

ଘର ବୁଡ଼ି ପାଣି ଆଣ୍ଠୁଏ ହେଲାଣି
କାଲ କହୁଛି ମେଘ ଦୁଲୁକୁଚି ।

ଘର ପୋଡ଼ିରୁ ବିପତ୍ତି ନାହିଁ
ଘୋଡ଼ା ଚଢ଼ାରୁ ସମ୍ପତ୍ତି ନାହିଁ ।

ଘର ପୋଡ଼ିରୁ କୁଟାଖିଏ ପାଇଲେ ସହି ।

ଘର ପୋଡ଼ିଗଲେ ସଭିଏଁ ଜାଣିବେ
ମନ ପୋଡ଼ିଗଲେ ଜାଣୁଚି କିଏ ?

ଘର ପୋଡ଼ି ବେଳେ କୂଅ ଖୋଳା ।

ଘର ବର ଦେଖି ପେଟ ପୂରୁଚି
ସଉତୁଣୀ ଦେଖି ହଂସା ଉଡୁଚି ।

ଘରେ ନଥାଇ ଲେମ୍ବୁ ଲୁଣ
ବାହାରେ ଦେଖ ଚାତର ପଣ ।

ଘରେ ବରଡ଼ା ତାଟି
ଅଣ୍ଟାରେ ଚାବିକାଠି ।

ଘରେ ଫୁଟୁ ଫୁଟୁକିଆ ବସା
ଦାଣ୍ଡକୁ ମଦନ ମୋହନ ଖୋଷା ।



ଘଷର ଘଷର ଆହୁରି ଘଷର
ପୁଣି ଘଷର ପାଣି
ତୁମେ ଯହିଁ ପାଇଁ ନସର ପସର
ଆମେ ସେଇକଥା ଜାଣି ।

ଘା ଯାଏ, ଦାଗ ଥାଏ
ଲୋକ ଯାଏ, କଥା ଥାଏ ।

ଘୁଙ୍ଗା ଯାହା ସପନ ଦେଖେ
ମନ କଥା ମନରେ ରଖେ ।

ଘୁଷୁରି କି କାହିଁ ପାଚିଲା କଦଳୀ
ଅନ୍ଧ ହାତେ ରନ୍ ମୁଦି
ପେଚା ଚଢ଼େଇ କି ସୁବର୍ଣ୍ଣ ପଞ୍ଜୁରି
କୋରଡ଼ ସୁମରି କାନ୍ଦି ।

ଘୁଷୁରି ପ୍ରକୃତି ପଙ୍କେ ଲୋଟେ
ମଣିଷ ପ୍ରକୃତି ମଲେ ତୁଟେ ।

ଘୋଡ଼ା ଛ'ଟଙ୍କାକୁ ଦାନା ନ'ଟଙ୍କା ।

ଘୋଡ଼ା ଦଉଡ଼ି ଦଉଡ଼ି ଯେଉଁଠି
ହାତୀ ପଲାସି ପଲାସି ସେଇଠି ।

ଚଅଁର ପୋଖରୀ ଢଅଁର ଗଣ୍ଡରେ
ଭଅଁର କରିଚି ବସା
କୋଉ କଥା ପାଇଁ କରିଲି ଆଶା
ଦାଣ୍ଡେ ହେଲି ଲୋକହସା ।

ଚକ ଢିଲାକୁ ଅଖ ଢିଲା
ଯାଉ ଯାଉ ଗାଡ଼ି ଯୁଆଡ଼େ ଗଲା ।

ଚମ ବାଇଦ କୋଶେ
ତୁଣ୍ଡ ବାଇଦ ସହସ୍ର କୋଶ ।

ଚଷା, ଲକ୍ଷେ ଜୀବ ପୋଷା ।

ଚଷା ହୁଡ଼ିଲେ ବରଷେ
କୋଟର ହୁଡ଼ିଲେ ପାଞ୍ଚ ବରଷ ।





ଚହଚହକା ମହମହକା
ପାଇ ଆଣିଥିଲି ତୋତେ
ଟାକୁଆ ଗାଲରେ ମାଉଁସ ଲାଗିଲା
ଜବାବ ଦେଉଛୁ ମୋତେ ।

ଚାଉଳ ସେରକ କେତେ
ନା, ମୁଁ ମଠରେ ଖାଏ ।

ଚାଉଳ କେତେ ଭାଉ
ଆମେ ମାମୁଙ୍କ ବସାରେ ଖାଉ ।

ଚାଉଳ ସେରକୁ ତିନି ପରାଣୀ
ଆହୁରି ଯାଉଚି ବୋହୂକୁ ଆଣି ।

ଚାଟ ଘର ପୁଅ ଚାଟ
ଭାଟ ଘର ପୁଅ ଭାଟ ।

ଚାଟୁଥା
ପଛରୁ ଗଳାକୁ କାଟୁଥା ।

ଚାଲେ ଚାଲେ ଗଲା ଚାଲୁଆ ମୂଷା
କେହି ନଜାଣିଲେ ସାଇ ପଡ଼ିଶା ।

ଚାଷ ନାହିଁ ଯା'ର
ବାସ ନାହିଁ ତା'ର ।

ଚାଷ ହୁଡ଼ିଲେ ବରଷେ
ପାଠ ହୁଡ଼ିଲେ ପୁରୁଷେ ।

ଚିନ୍ତା ଖାଏ ଗଣ୍ଡି
ଲୁଣ ଖାଏ ହାଣ୍ଡି ।

ଚିହ୍ନା ବ୍ରାହ୍ମଣର କି ପଇତା ଲୋଡ଼ା ?

ଚୂନ ରଗ ପାନେ ମରୁ
ମନ ରଗ ମନେ ମରୁ ।

ଚେଇଁ ଶୋଇବ ଯିଏ
ତାକୁ ଉଠାଇବ କିଏ ?

ଚୋରଙ୍କର ଭାରି ମୁହଁ ଟାଣ ।

ଚୋର ମାଆ କାନ୍ଦେ ନାହିଁ
ଯଦି କାନ୍ଦେ କୁଆର ଦେଇ କାନ୍ଦେ ।

ଚୋର ପଳାଇବା ପରେ ବୁଦ୍ଧି ବାହାରେ ।

ଚୋର ହୋଇ ପୁଣି ପାଇକ ପଣ ।

ଚୋରକୁ କହୁଚି ଚୋରି କର
ସିପାହୀକୁ କହୁଚି ଜଗିଥା ।



ଚୋର ମନ ଗଣ୍ଠିରେ
ବାବାଜି ମନ କଣ୍ଠିରେ
ବେପାରୀ ମନ ପାଣ୍ଠିରେ ।

ଚୋରି କଲା ଲୋକର ଏକ ପାପ
ଚୋରି ଗଲା ଲୋକର ସହସ୍ର ପାପ ।

ଛ'ଅଡ଼ା ଚାଉଳ ଗଇଁଠା
ପାଟି ହୋଇ ନାହିଁ ଅଇଁଠା ।

ଛନ୍ଦେ ବଣିଜ ବନ୍ଦେ ପାଣି ।

ଛାଇତ ତ ଛାଇ, ଛତାର ଛାଇ
ଗଛ ଛାଇ କି ସଙ୍ଗତେ ଯାଇ ?

ଛିଣ୍ଡା କବଟା, ହଜିଲେ ମଠା ।

ଛି ଛିରେ ପଚା ପଇଡ଼
    ଭାସି ଯାଉଥିଲୁ ମଝି ନଈର
ସାଉଁଟି ଆଣିଲି ତୋତେ
    ତୋ ଦେହରେ ଚେରିମି ଲାଗିଲା
ଜବାବ ଦେଉଛୁ ମୋତେ ।

ଛି ଲୋ ଛତୁ,
ମେଘ ବରଷିଲେ କେତେ ତୁ ଫୁଟୁ ।

ଛି ଲୋ ବିଲେଇ କାହିଁକି ରୁଷୁ
ସେଇ ଭାଡ଼ି ତଳେ ପୁଣି ପଶୁ ।

ଛୋଟ ସାପର ବିଷ ଟାଣ ।

ଛୋଟୀ ବିରାଡ଼ି
କୁଜି ଅସରପା ଉପରେ ଟାଣ ।


ଛୋଟୀ କି ଶ୍ରୀବନ୍ତୀ କହିଲେ
ଗୋଡ଼କୁ ବୁଲାଇ ପକାଏ ।



ଜଗନ୍ନାଥଙ୍କର ବଡ଼େଇ
କାହାକୁ ଦିଅନ୍ତି ପାଟ ପୀତାମ୍ବରୀ
କାହାକୁ ଦିଅନ୍ତି ଗଡ଼େଇ ।

ଜର କଲା ଧାନ କୁଟା ବେଳକୁ
ଛାଡ଼ିଗଲା ଭାତ ଫୁଟା ବେଳକୁ ।

ଜାନ୍ ଯାଉ, ମହତ ଥାଉ
ମହତ ଗଲେ ନମିଳେ ଆଉ ।



ଝାମ୍ପୁରି ମୁଣ୍ଡୀ ଓଲେଇ ତୁଣ୍ଡୀ
ଏମାନଙ୍କ ହାତେ ନଦେବ ହାଣ୍ଡି ।

ଝିମିଟି ଖେଳରୁ ମହାଭାରତ ।



ଟୁପୁ ଟୁପୁ ପାଣି ପଥର କାଟେ
ଟୁପୁ ଟୁପୁ କଥା ଅନ୍ତର କାଟେ ।


ଠକଙ୍କ ଗୁରୁ
ଉପର ଚିକ୍କଣ ଭିତର ମାରୁ ।

ଠାକୁର ଘରେ କିଏ ?
ନା, ମୁଁ କଦଳୀ ଖାଇ ନାହିଁ ।

ଡର କାହାକୁ ଭୟ କାହାକୁ
ଠାକୁର ଅଛନ୍ତି ଚଉବାହାକୁ ।

ଢେଙ୍ଗା ମୁଣ୍ଡରେ ଠେଙ୍ଗା ।

ଢାଇଁ ଢାଉଁ ଢାଉଁ
ବାଜଇ ଢୋଲ
ବାହାର ଚିକ୍କଣ
ଭିତର ପୋଲ ।



ଢିଙ୍କି ସ୍ୱର୍ଗକୁ ଗଲେ ବି
ଧାନ କୁଟେ ।

ଢୋଲ କାନ୍ଧରେ ପଡୁ
ଛାଏ ଛାଏଁ ବଜାଇ ଶିଖିବ ।

ଢୋଲ ଖାଏ ମାଡ଼
ଢୋଲିଆ ଖାଏ କଉଡ଼ି ।

ତପେ ବର,
ନ ହେଲେ କୋପେ ବର ।

ତରକିଲା କୁଆ
ଶହେ ବରଷ ଜିଏଁ ।

ତଳ ବରଡ଼ା ଖସୁଚି
ଉପର ବରଡ଼ା ହସୁଚି
ମଝି ବରଡ଼ା ଥାଇ ବୋଇଲା
ମୋ' ଦିନ କାଲ ଆସୁଚି ।

ତା ଦୁଆରେ ଖତ କୁଢ଼
ସିଏ ପର ଦୁଆର ଓଳଉଚି ।

ତିନି ଘର କୁଣିଆ ଓପାସ ରହେ ।

ତିନି ଥେଣ୍ଟିଆ କାକୁଡ଼ି ଭାଡ଼ି
ଶିଆଳ ଖାଏ ମୋଡ଼ି ମାଡ଼ି ।

ତୁ ଗୁହାରି କରୁଚୁ ଯାହାକୁ
ମୁଁ ଜୁଆଇଁ କରିଚି ତାହାକୁ ।



ତୁଣ୍ଡ ନରେନ୍ଦ୍ର, ପିଠି ଅରକ୍ଷିତ ।

ତୁଛାକୁ ଏତେ
ମୁଦି ନାହିଁ ଗୋଡ଼ କଟାଡୁ କେତେ,
ପିତଳ ଗୁଣାକୁ ନାକ ଟାଉଁ ଟାଉଁ
ସୁନା ଗୁଣା ଥିଲେ ହୁଅନ୍ତୁ କେତେ ?

ତୁ ଗଲେ ଡାଳେ ଡାଳେ
ମୁଁ ଯିବି ପତରେ ପତରେ ।

ତୁ ଯେତେ ମାଠିବୁ ମାଠ୍
ମୁଁ ସେଇ ଦଉପୋଡ଼ା କାଠ୍ ।

ତୁଳସୀ ମାଳି
ଭିତରେ ଭିତରେ ସଲାସୁତୁରା
ଉପରେ ଉପରେ କଳି ।

ତୁଳସୀ ଦୁଇ ପତ୍ରରୁ ବାସେ
ବିଛୁଆତି ଦୁଇ ପତ୍ରରୁ କୁଣ୍ଡାଇ ହୁଏ ।

ତେଲ ତେଲ, ପାଣି ପାଣି ।

ତେଲିଆ ମୁଣ୍ଡରେ ତେଲ ।

ତୋଡ଼ି ପେଟିଆ ସବୁ ଖାଏ
ଅନ୍ତଲ ପେଟିଆ ନାଆଁରେ ଯାଏ ।



ତୋରାଣି ସାଙ୍ଗକୁ ନଥାଏ ଲୁଣ
ମିଛେ ବୋଲୁଥାଏ ତିନି ତୁଅଣ ।

ତୋହରି ଧନ ତୋତେ ଦେଇ
ମଝିରେ ମଧ୍ୟସ୍ଥି ବୋଲାଇ ।

ଥିଲା ହାତ ଖଲ ଖଲ
ନଥିଲା ହାତ କଲବଲ ।

ଥିଲେ ଚିରାକନା, ହଜିଲେ ମାଠ ।

ଥିଲେ ବାଘର ଆହାର
ନଥିଲେ ସାପର ଆହାର ।



ଥିଲେ ଆଉ ପଛେ ଗୁଣ ହଜାର
ଚରିତ୍ର ନଥିଲେ ସବୁ ଅସାର ।

ଦଇବ ଦଉଡ଼ି ମଣିଷ ଗାଈ
ଯେଣିକି ଟାଣିବ ସେଣିକି ଯାଇ ।

ଦେବୁ ଦେବୁ ବୋଲି ପୂରିଲା ମାସେ
ଆହୁରି ବୋଲୁଚୁ କାଲିକି ଆ'ସେ ।

ଦନେଇ ଆଇଲେ ମୂଳରୁ ଗା ।

ଦହି ବାଲାକୁ ଚୂଡ଼ାବାଲା ସାକ୍ଷୀ ।

ଦହି ସୁନ୍ଦର ଚୂଡ଼ାକୁ
ଫୁଲ ସୁନ୍ଦର ଜୁଡ଼ାକୁ ।

ଦାଆ ଥିଲେ ଅଠର ଗଣ୍ଡା ବେଣ୍ଟ ।

ଦାଣ୍ଡରେ ପଥର ଝୁଣ୍ଟିଚି
ଘରେ ଶିଳ ଭାଙ୍ଗୁଚି ।

ଦାନ୍ତ ବେଳକୁ ଚଣା ନାଇଁ
ଚଣା ବେଳକୁ ଦାନ୍ତ ନାଇଁ ।

ଦାନୀ, ନା ମୁଣ୍ଡକୁ ନପାଏ କାନି ।

ଦିଅଁ ଗଢୁ ଗଢୁ ମାଙ୍କଡ଼ ।

ଦିଅଁଙ୍କୁ ଖାଇ, ଖଟୁଲି ଖାଇ
ଆହୁରି ପଚାରେ ପୂଜାରୀ କାହିଁ ।

ଦିଆଙ୍କୁ ଦିଆ
ଅଦିଆଙ୍କୁ ଦୁଆର ଦିଆ ।

ଦିଆ ପୁରୁଷ
ଯାଚି ଯାଉଥିଲା କଟକ ମିଠେଇ
ପୁଅକୁ ହେଲାଣି ବାର ବରଷ ।

ଦିନକର ଭାତ, ଯୁଗକର କଥା ।

ଦିନେ ନାଇଁ କାଲେ ନାଇଁ
ଗହ୍ମା ପୁନିଅଁକୁ ମାଇଁ ମାଇଁ ।

ଦୀପ ତେଜିଲେ ହାତ ଚିକ୍‌କଣ ।

ଦୀପ ରୁଖା ଉପରେ ପିମ୍ପୁଡ଼ି ଚଢ଼ିଲେ
ସ୍ୱର୍ଗ ଆଉ ଦି ଆଙ୍ଗୁଳ ବୋଲି ଭାବେ ।



ଦୀପରୁ ମାଲପା ସ୍ୱଇଲା
ପ୍ରଭୁଙ୍କ ଲୀଳା ଶେଷ ହେଲା ।



ଦୂର ପର୍ବତ ସୁନ୍ଦର
ଦୂର ବନ୍ଧୁ ସୁନ୍ଦର ।

ଦୃଢ଼େ ତରନ୍ତି
ମୂଢ଼େ ତରନ୍ତି
ମଝି ମଝିଆ ବୁଡ଼ି ମରନ୍ତି ।

ଦେଇଚୁ ଯାହା ପରଲୋକକୁ
ଥୋଇଚୁ ଯାହା ପରଲୋକକୁ ।

ଦେଖା ସୁନ୍ଦର କଖାରୁ ବଡ଼ି ।

ଦେଖା ସୁନ୍ଦର ବଉଳା ଗାଇ
ଦୁହିଁଲା ବେଳକୁ ଟୋପାଏ ନାହିଁ ।

ଦେବା ଠାରୁ ପୁଣ୍ୟ ନାହିଁ
ମାଗିବା ଠାରୁ ହୀନ ନାହିଁ ।

ଦେବା ଦେବା କହୁଥିବା
ନାହିଁ ନଦେବା ନକରିବା ।

ଧନ ଯା'ର, ଲୋଭ ତା'ର ।

ଧରା ନ ପଡ଼ିଲେ ଚୋର ବି ସାଧୁ ।

ଧାଇଁ ନପାରଇ ପାଇକ ଆଗେ,
ଟାଣ କରୁଥାଇ ମାଇପ ଆଗେ ।

ଧାନ ଗୋଟି ଗୋଟି
ଖଇ ଗୋଟି ଗୋଟି
ବାଛୁ ବାଛୁ ଦିନ ସରିଲା
ବାପାଙ୍କୁ କହିବ
ହଡ଼ା ନ ବିକିବ
ବାବାଜି ହୋଇବା ନୋହିଲା ।

ଧିର ପାଣି ପଥର କାଟେ
ତରବର ହେଲେ ଆଣ୍ଠୁ ଫାଟେ ।

ନଈକେ ବାଙ୍କ୍
ଦେଶକେ ଫାଙ୍କ୍ ।

ନଡ଼ିଆ ଗଛରେ ନଡ଼ିଆ ନାଇଁ
ଧଡ଼ିଆ ବସିଚି, ଗୋଡ଼ ଲମ୍ବାଇ ।

ନ ଦେଖିଲେ ଝୁରି ମରୁଥାଏ
ଦେଖିଲେ କଥା ନକହେ ।

ନଇଁ ପଡ଼ିଥିବ ଯେତିକି ବେଳେ
ବିଧାଏ ମାରିବ ସେତିକି ବେଳେ ।



ନବ ଗୁଞ୍ଜର
ଆପଣା ମନକୁ ଆପେ ସୁନ୍ଦର ।



ନ ଭସି ଭ୍ରମର ରସିଲୀ
ଜାଇ ଯୁଇ ଫୁଲ ପାଣିକି ପକାଇ
ପୋକଶୁଙ୍ଘା ମୂଳେ ବସିଲା ।

ନ ଲାଗିଲେ ସବୁବେଳେ
ଘର କି ଶୋଭେ
ନ ମାଠିଲେ ବୟସ ବେଳେ
ମନ କି ଲୋଭେ ?

ନାଆଁକୁ ଧନ୍ୱନ୍ତରୀ
ଚିକିତ୍ସାରେ ଯମ ।

ନାକଚଣା ବୋଲି ଖଣ୍ଡେ
ତାକୁ ବୋହୂ ନାଉଥାଏ ଦଣ୍ଡେ
ତାକୁ ଶାଶୁ ନାଉଥାଏ ଦଣ୍ଡେ ।

ନାଗର ପୁଅ ନାଗ
ବାଘର ପୁଅ ବାଘ ।

ନାଚି ନଜାଣି ଅଗଣାର ଦୋଷ ।

ନାମ୍ ବଡ଼ା
ଦରଶନ୍ ଥୋଡ଼ା ।

ନାହିଁ ମାମୁଁଠାରୁ କଣା ମାମୁଁ ଭଲ ।

ନିରିମାଇଲ
କାହିଁ କଥା ନେଇ କାହିଁ ମାଇଲ ?

ନିଲଜ ଲାଉ
ଟେକି ଟାକି ଦେଲେ ପିଢ଼ାକୁ ଯାଉ ।

ନେଥେଇ ଫୁଲୀର କାନରେ କାପ
କାନ କରୁଥିଲା କଅପ କପ ।

ପଥ ସୁମରି ପିତା ଘର ଯିବ
ଆଉ ଅଯୋଧ୍ୟା ମନେ ନ କରିବ ।



ପର ଘରେ ପଶି ମଙ୍ଗଳବାର ଓଷା ।

ପର ଲୁଗା ପିନ୍ଧି ଯାତକୁ ଯାଏ
ପଚାରିଲେ ମୁଣ୍ଡ ଟୁଙ୍ଗାରୁ ଥାଏ ।

ପଳାଇ ପଶିଲି ମାଉସୀ ଘରେ
ମାଉସୀ ମାଇଲା ଦି ପାହାରେ ।

ପାଇଚି
ପାଇଲା ଗଡ଼ିଆ ବୋହୁଚି ।

ପାଖରେ ଶୁଏ କାନରେ କୁହେ
ତା କଥା କି ଅନ୍ୟଥା ହୁଏ ?

ପାଟି ସୁଆଦ
ପେଟ କି ଜାଣଇ ତହିଁର ଭେଦ ?

ପାପ ଧନ ପ୍ରାୟଶ୍ଚିତ୍ତରେ ଯାଏ ।

ପିମ୍ପୁଡ଼ି ଗଳିବାକୁ ବାଟ ନାହିଁ
ହାତୀ ଗଳି ଯାଉଚି ।

ପୁଅ ନାଇଁ, ପୁଅ ପେଟରେ
ପୁଅର ବାପ ଖଡୁ ଗଢ଼ଉଚି
ବନମାଳିପୁର ହାଟରେ ।

ପୁଅ ବସିଚି କଚେରୀରେ
ବାପ ଖାଉଚି ପଥୁରିରେ ।

ପୁଅ ଯଦି ଯୋଗ୍ୟ ହୁଏ
ଧନ କାହିଁ ପାଇଁ ସଞ୍ଚୁ ।
ପୁଅ ଯଦି ଅଯୋଗ୍ୟ ହୁଏ
ଧନ କାହିଁ ପାଇଁ ସଞ୍ଚୁ ?

ପୁଅର ପୁଅ ନାତି
ମାରଇ ଝିଙ୍କର କାତି
ଝିଅର ପୁଅ ନାତି
ସରଗେ ଜାଳଇ ବତୀ ।

ପୁରୁବ କହ୍ନେଇ କି ?
କହ୍ନେଇ କାନ୍ଧରେ ନାଲି ଗାମୁଛା
କହ୍ନେଇ ମଣିଷ ଚିହ୍ନଇ କି ?

ପେଟକୁ ଦେଇ
ପିଠିକି ମାଇଲେ ସୁହାଉ ଥାଇ ।

ପେଟ ପୋଷ୍
ନାହିଁ ଦୋଷ୍ ।

ପେଟରେ ଭୋକ, ମୁହଁରେ ଲାଜ ।



ଫମ୍ପା ମାଠିଆର ଶବଦ ବେଶି ।

ବଗଡ଼ା ଭାତ
ନିଶରେ ହାତ ।

ବଗ ମୁହଁ ଚାହିଁ ବଗୁଲୀ ବସେ
ତୋ ମୁହଁ ମୋ ମୁହଁ ସୁନ୍ଦର ଦିଶେ ।

ବଚନ ମଧୁର ତିଳକ ସରୁ
ଏହାକୁ ଜାଣିବ ଠକଙ୍କ ଗୁରୁ ।

ବଡ଼ ବଡ଼ ଗଲେ ଫସର ଫାଟି
ସାନ ବାହାରିଲେ ବେସର ବାଟି ।

ବନ ପୋଡ଼ିଗଲେ ସଭିଏଁ ଜାଣନ୍ତି
ମନ ପୋଡ଼ିଗଲେ ଜାଣୁଚି କିଏ ?

ବତେଇ ଦଉଚି ପରକୁ
ବୁଦ୍ଧି ନ ଆସଇ ଘରକୁ ।

ବନ୍ଧୁ ବଳ ଦିଏ
ନଈ ଥଳ ଦିଏ ।

ବହିଗଲା ପାଣି ଯାଉ ତେଣିକି
ବନ୍ଧେଇଲା ପାଣି ରହୁ ଏଣିକି ।

ବାଉଁଶ ଫୁଲରେ ମରେ
ମଣିଷ ଫୁଲିଲେ ମରେ ।

ବାଟରେ ଦେଖିଲି କମାର
ଲୁହା ପଜାଇଦେ ଆମର ।

ବାପ ତେଲ ବିହୁନେ ଲଣ୍ଡା
ପୁଅ ବୁଲେଇ ବେଣ୍ଟି ରଖୁଚି ।

ବାହାଘର ବେଳେ ବାଇଗଣ ରୁଆ ।

ବାପଥିଲା ପୁଅ ସଭାରେ ଜିଣେ
ବୁଦ୍ଧିଥିଲା ପୁଅ ପୋଷଇ ପଣେ ।

ବାପ ରାଣ, ଢିଙ୍କି ଗିଳ ।

ବାପ ଖାଇଛନ୍ତି ତାଳ
ପୁଅଙ୍କ ପାଇଁ ତା କାଳ ।

ବାହା ସରିଲେ ବେଦୀ ମୁହଁ ପୋଡ଼ା ।

ବାୟାର କି ଯାଏ,
ବାଆ କଲେ ବସା ଦୋହଲୁଥାଏ ।

ବୁଝି ବିଚାରି କାର୍ଯ୍ୟ କଲେ
ପ୍ରମାଦ ନପଡ଼ଇ ଭଲେ ।




ବୁଡ଼ିଗଲା ଗୋଡ଼ ତଳକୁ ତଳକୁ ।

ବୁଡ଼ିଗଲା ଲୋକର କୁଟାଖିଅକୁ ଆଶ୍ରା ।

ବୁଲେଇଁ ବିକିଲେ ମାଣିକ ଭେଣ୍ଡି ।

ବେଙ୍ଗ ବୋଲେ ବେଙ୍ଗୁଲୀ ଲୋ,
ପୃଥ୍ୱୀ କ୍ଷଣ କ୍ଷଣକେ ଆନ ।



ଭାତ ଉତୁରିଲେ ଚୁଲିରେ ପଶେ
ମଣିଷ ଉତୁରିଲେ ଗାତରେ ପଶେ ।

ଭାତ ଖୁଆଇଲି କୁକୁରକୁ
କୁକୁର ଚଢ଼ିଲା ଉପରକୁ ।

ଭାରିଜା ଲାଗି ସାନ ଶଳାକୁ ନମସ୍କାର ।

ଭୀମ ବଳ କୁଇନ୍ତାକୁ ଜଣା ।

ଭୁରିଶ୍ରବା ପାଗ ବାନ୍ଧୁ ବାନ୍ଧୁ
ମହାଭାରତ ଯୁଦ୍ଧ ଶେଷ ।

ଭେକ ଥିଲେ ଭିକ ମିଳେ ।

ଭୋକ ବିକଳରେ ତାଟିଆ କାମୁଡ଼ା ।

ଭୋକିଲା ପାଟିକି ଆମ୍ବିଳା ଆମ୍ଭ ସୁଆଦ ।

ମଇଁଷି ଶିଙ୍ଗ ଫଟା
ଜୁଝିଲା ବେଳକୁ ଗୋଟା ।

ମଞ୍ଚା ବାନ୍ଧିଲି ବାଘ ପାଇଁ
ବାଘ ପଳାଇଲା ମଞ୍ଚା ଡ଼େଇଁ ।

ମଞ୍ଜି ଗୁଣେ ଫଳ
ତୀର୍ଥ ଗୁଣେ ଜଳ ।

ମଣିଷର ଯେବେ କପାଳ ପୋଡ଼େ
ଯୋଉ ଡାଳ ଧରେ ସେ ଡାଳ ଛିଡ଼େ ।

ମତେ ନିଅଣ୍ଟ ନା ସାଇରେ ବାଣ୍ଟ ।

ମତେ ନ ବୋଲିବ ବୁଢ଼ୀ
ମୁଁ ବଅସରେ ପାଞ୍ଚ କୋଡ଼ି ।

ମତେ ମୁଣ୍ଡ ଗୁଞ୍ଜିବାକୁ ଥାନ ନାହିଁ
ମୁଁ ଝୁରି ମରୁଥାଏ ପର ପାଇଁ ।

ମନ ଚୋର ମରେ ବିକଳ ହୋଇ
ଧନ ଚୋର ମରେ ଜବତ ହୋଇ ।

ମନ ଦୃଢ଼ କଲେ ଗାଡ଼ିଆ ଗଙ୍ଗା ।

ମନରେ ନାଇଁ କି ମାଳାରେ ନାଇଁ
ଭାଳି ହେଉଥିଲେ ପାଇବୁ କାହିଁ ?



ମଳୁ ଖୋଜୁଥିଲା ପଇଡ଼ ପାଣି
ବଇଦ କହିଲା ପି' ତୋରାଣି ।

ମଲା ବେଳକୁ ହନୁ
ସତ କହିଲା ।

ମା ଝିଅ ଦିହେଁ
ଦେଉଳ ଗଲେ
ଯେ ଯାହା ଶୁଭ
ଯିଏ ମନାସିଲେ ।

ମାଆଲୋ ମଲି
ଗାଁ ଚାରିପଟ ବୁଲି ଅଇଲି
କେହି ନକହିଲେ
ବସ ବୋଲି ।

ମାଇ ନୁହଁ କି ଗାଇ ନୁହଁ ।

ମାଙ୍କଡ଼ ହାତରେ ଶାଳଗ୍ରାମ
ନଚାଇ ନଚାଇ ନେଲା ପ୍ରାଣ ।

ମା' ଗାଳି ପାଣିର ଗାର
ବାପ ଗାଳି ବଜ୍ରର ଧାର ।

ମାଗି ଆଣିଲା ତିଅଣ ସୋଡକାଏ ।



ମାଗିଖିଆ ଲାଗି ଖାଏ ନାହିଁ
କି ଲାଗଖିଆ ମାଗି ଖାଏ ନାହିଁ ।

ମାଗିବା ଠାରୁ ହୀନ ନାହିଁ
କି ଦେବାଠାରୁ ପୁଣ୍ୟ ନାହିଁ ।

ମାଗୁର ମାଛର ଝୋଲ୍
ବେଟା ହରିଆ ହରିଆ ବୋଲ୍ ।

ମାଛ ଖାଇବୁ କି ବଗ ?
ତହିଁ କି ଭେଣ୍ଡିଆ ଆଗ ।
ଧାନ କୁଟିବୁ କି ବଗ ?
ମୋ ନଳୀ ଗୋଡ ଭାଙ୍ଗିଯିବ ।

ମାଣ୍ଡିଆ ଜାଉ ଖୋଇବ ଯିଏ
ରାତି ଅଧରେ ହଗେଇ ନିଏ ।

ମାଧିଆ ଭାଇ
ସବୁ କଥାରେ ହଇ ହଇ ।

ମାରୁଥିବେ ମହାପାତ୍ରେ
ଚାହିଁଥିବେ ଜଳକା ।

ମାରେ ସିପାହୀ, ନାଆଁ ସର୍ଦ୍ଦାରର ।

ମାରେ ହରି ରଖେ କିଏ
ରଖେ ହରି ମାରେ କିଏ ?



ମାଳୀକି ଛେଳି ଅଡୁଆ ।

ମୁଖ ଫିଟିଲେ ଦୁଃଖ ଯାଏ ।

ମୁଣ୍ଡରେ ପଗଡ଼ି ପାଦରେ ତେଲ
ବଇଦ ସାଙ୍ଗରେ କରିବ ଗେଲ ।

ମୁଣ୍ଡରେ ରାମ ଟହଲିଆ ଖୋଷା
ଘରେ ବାଇଆ ଚଢ଼େଇ ବସା ।

ମୁଁ ମରୁଥାଏ ମାଇଁ ପାଇଁ
ମାଇଁର ଦୟା କି ଧରମ ନାଇଁ ।

ମୁହଁରେ ମଧୁର ହସ
ପେଟରେ ହଳାହଳ ବିଷ ।

ମୂଳୁ ମାଇଲେ ଯିବ ସରି
ଦେବଙ୍କ ସଙ୍ଗେ କିମ୍ପା କଳି ?

ମେଣ୍ଢା ଧୋଉ ଧୋଉ ନିର୍ବାଳ ।

ମୋର ତ ନାଇଁ ଭାଇ
ପର ଭାଇଟିକି ଭାଇ କରିଥିଲି
ନଣନ୍ଦ ପୁଟୁଳି ପାଇଁ ।

ମୋର ସିନା ନିଶ ନାଇଁ
ମୋ ବନମାଳିଆ ଭାଇର ଅଛି ।

ଯାଚିଲେ ନରୁଚେ ମଣ୍ଡା ଗଇଁଠା
ମାଗି ଖାଉଥାଏ ବାସୀ ଅଇଁଠା ।

ଯାହା ପୁଅକୁ ସାପ କାମୁଡ଼େ
ତା' ମା ପାଳଦଉଡ଼ି ଦେଖିଲେ ଡ଼ରେ ।

ଯାହା ଲାଗି କଲି ଚୋରି
ସେଇ ବୋଲେ ଚୋର ।

ଯାହା କରିବେ ସାଇଁ
ତା' କାହାରି ହାତରେ ନାଇଁ ।

ଯାହାକୁ ରଖିବେ ଅନନ୍ତ
କି କରିପାରେ ବଳବନ୍ତ ।

ଯାହା ଖାଇଥିବ ପେଟକୁ
ଯାହା ନେଇଯିବ ବାଟକୁ
ଯାହା ରଖିଥିବ ଖଣ୍ଡକୁ ।

ଯାହା ଚୋଟିରେ ବଥ ଉଠିଲା
ସେ କହିଲା 'ମଲି'
ଯାହା ଗୋଡ଼ରେ କଣ୍ଟା ଫୁଟିଲା
ସେ କହିଲା 'ମଲି' ।

ଯାହା ନାହିଁ ଭାରତେ
ତାହା ନାହିଁ ଭାରତେ ।



ଯା ବାପ ଚଢ଼େ ଘୋଡ଼ା
ତା ପୁଅ ଥୋଡ଼ା ଥୋଡ଼ା ।

ଯାହା ମନ ଯହିଁକି ରସେ
ତାହା ବିନା ତାକୁ ଆନ ନ ଦିଶେ ।

ଯାହାର ତେଲ ପସରା ପଡ଼ିଗଲା
ସେ କହିଲା ମୋର ଗଲା
ଯାହାର ବେଲ ପସରା ପଡ଼ିଗଲା
ସେ କହିଲା ମୋର ଗଲା ।

ଯାହାର ବାହାଘର ତା ମନେ ନାଇଁ
ସାଇ ପଡ଼ିଶାଙ୍କୁ ନିଦ ନାଇଁ ।

ଯାହାର ଯେମନ୍ତ ସ୍ୱଭାବ
ଗୁରୁ ବଚନେ କିସ ହେବ ?

ଯିଏ ଖାଇଚି ଦୋହରା ଖାଉ
ଯିଏ ନଖାଇଚି ଓପାସେ ଶୋଉ ।

ଯିଏ ପାଉଚି ତ ପାଉଚି
ଯିଏ ଚାହୁଁଚି ତ ଚାହୁଁଚି ।

ଯିଏ ଯାହାକୁ ରସେ
ସିଏ ତାକୁ କିଆ ଫୁଲ ପରି ବାସେ ।

ଯେଉଁ ଘରକୁ ଯେଉଁ ବତା
ନିର୍ମାଣ କରିଚି ବିଧାତା ।

ଯେଉଁ ଡାଳକୁ ଧରୁଚି
ସେ ଡ଼ାଳ ଛିଡୁଚି ।

ଯେଉଁ ହର ଦେଲେ ବର
ସେଇ ହେଲେ ହରବର ।

ଯେଝା ଘର ତାକୁ ମଥୁରାପୁରୀ
ଯେଝା ବର ତାକୁ ଶ୍ରୀକୃଷ୍ଣ ସରି ।

ଯେଝା ହାତରେ ଯିଏ ଚଉଦ ପା ।

ଯେଡ଼େ ବାଉଁଶକୁ ସେଡ଼େ ପୋଲ ।

ଯେଡେ ବଡ଼ ପାଟି, ତେଡ଼େ ବଡ଼ ଗୁଣ୍ଡା ।

ଯେଣେ ଇଛା ତେଣେ ଯା
କର୍ମ ଘେନି ବୁଲୁଥା ।

ଯେତେ ଭାଇ ସେତେ ଘର
ଯେତେ କନିଆ ସେତେ ବର ।

ଯେ ପକ୍ଷୀ ଉଡ଼େ ଯେତେ ଦୂର
ସେ ଜାଣେ ତହିଁର ବେଭାର ।



ଯେତେ ଦିନ ଥିବ ଅଣ୍ଟାରେ ବଳ
ସଙ୍ଗାତ ମଇତ୍ର ଦୁଆରେ ଠୁଳ ।

ଯେବେ ମୂର୍ଖ ସଙ୍ଗେ ଚାଲିବ ବାଟ
କହୁଣୀ ଖାଇବ ରଅଟ୍ ରଟ୍ ।

ଯେମନ୍ତ ଦିଅଁକୁ ତେମନ୍ତ ପୂଜା
ବାଲି ଗରଡ଼ାକୁ ଚାଉଳ ଭଜା ।

ଯେସାକୁ ତେସା
ହାରାମ୍ ଜାଦାକୁ ଟାଙ୍ଗିଆ ପଶା ।

ଯେ ଚିନ୍ତେ ପରର ମନ୍ଦ
ତା ମନ୍ଦ ପାଞ୍ଚନ୍ତି ଗୋବିନ୍ଦ ।

ଯୋଡ଼ାକୁ ଘୋଡ଼ା ସରି ନୁହେଁ ।

ରଙ୍କ ସଞ୍ଚେ ଧାନ
ତାକୁ ମୂଷା କରେ ଜଳପାନ ।

ରଙ୍କୁଣି ପାଇଚି ଇଲିସି
କଣ୍ଟା ମଣ୍ଟା କରି ଗିଳୁଚି ।

ରଜା ଘରେ କି ଖଜା ଅପୁରୁବ ?

ରୁଚୁ ନରୁଚୁ ଖା ପିତା
ବୁଝୁ ନବୁଝୁ ପଢ଼ ଗୀତା ।

ଲାଜ ନାଇଁ ନିଲଜକୁ
ଶୁଖିଲା କୁଅରୁ ପାଣି କାଢୁଚି
ଗୋଡ଼ ହାତ ଧୋଇବାକୁ ।

ଲୁଚିଚି, ନା ଗୋଡ଼ ଦିଇଟା ଦିଶୁଚି ।

ଶିଙ୍ଗ ଧରିବ ଜଣେ
କ୍ଷୀର ଖାଇବ ଆଉ ଜଣେ ।

ଶିଳ ଶିଳପୁଆ ଗଗନେ ଉଡ଼ନ୍ତି
ଶିମିଳି ତୁଳା କହୁଚି ମୋତେ ରଖ୍ ।

ଶୁଆ ମୂଳତ ଶୁଆ କହିବ ।

ଶୁଖିଲା ପାନକୁ ଶୁଖିଲା ଚୂନ
ମୋଡ଼ି ମାଡ଼ି ହୋଇ ରହରେ ଧନ ।

ଶୁଣି ସାକ୍ଷୀ ମାତାଲ୍ ।

ଶ୍ରୋତା ବକତା କେହି ନାଇଁ
ରୋଦନ କରୁ କାହିଁ ପାଇଁ ।

ସକଳ ତୀର୍ଥ ତୋ ଚରଣେ
ବଦ୍ରିକା ଯିବି କି କାରଣେ ।

ସକାଳ ମେଘ ମେଘ ନୁହେଁ
ସକାଳ କୁଣିଆ କୁଣିଆ ନୁହେଁ ।



ସଞ୍ଜବେଳ କୁଣିଆ, ସଞ୍ଜବେଳ ମେଘ
ଘୁଞ୍ଚେ ନାହିଁକି ଛାଡ଼େ ନାହିଁ ।

ସତ କହିଲେ ଭାତ ମିଳେ ।

ସର୍ପ କୁଳରେ କଲୁ ଜାତ
ସ୍ୱଭାବ ଛାଡ଼ିବି କେମନ୍ତ ।



ସବୁ ଜଳଖିଆ ଭାତ ତଳକୁ
ବାପ ଭାଇ ସବୁ କାତ ତଳକୁ ।

ସବୁରି ନାକରେ ଶୁଣା
ମୁଁ କାହାକୁ କରିବି ଊଣା ?

ସଭିଏଁ ଦେଖନ୍ତି ଉପର ଛାପ
କେହି ନ ଦେଖଇ ଭିତର ପାପ ।

ସଂପଦ କାଳେ ସର୍ବେ ସଖା
ବିପଦେ ନ ଦିଅନ୍ତି ଦେଖା ।

ସଂସାର ଭିତରେ ଘର କରିଥିଲେ
ପଥର ପଡ଼ିଲେ ସହି ।

ସ୍ୱର୍ଗକୁ ନିଶୁଣି ନାହିଁ
ବଡ଼ଲୋକକୁ ଉତ୍ତର ନାହିଁ ।

ସ୍ୱର୍ଗରେ ଦାସ ହେବ
ନର୍କରେ ରଜା ହେବ ନାହିଁ ।

ସାଉଁଟିଲା କାଣ୍ଡ କି ଯୁଦ୍ଧକୁ ପାଏ ?

ସାନ ମୁହଁରେ ବଡ଼ କଥା
ଶୁଣିଲେ ହୁଏ ମନ ବ୍ୟଥା ।

ସାନ ଥିଲେ ପଚାରି
ବଡ ଥିଲେ ବିଚାରି ।

ସାପ ମରିବ ନାଇଁ
ବାଡ଼ି ଭାଙ୍ଗିବ ନାଇଁ ।

ସାହସେ ତରି, ସାହସେ ମରି
ସାହସେ ଘର ଦୁଆର କରି ।

ସିଧା ଆଙ୍ଗୁଠିରେ କି ଘିଅ ବାହାରେ ?

ସିନ୍ଦୁକ ଭିତରେ ନାଲି ମନ୍ଦାର
ଝିଅ ଚାଲିଗଲେ ଘର ଅନ୍ଧାର ।

ସୁଧାର ଗାଈର ବାଛୁରୀ ମରେ ।

ସୁନା ଚିହ୍ନେ ବଣିଆ
ଗୁଣ ଚିହ୍ନେ ଗୁଣିଆ ।



ସୁନାରୀ ଠୁକୁରୁ ଠୁକୁରୁ, କମାର ପାହାରେ ।

ସୁନ୍ଦର ବୋଲି ପୂରିତ ମହୀ
ଜାଣିଚି କିଏ ଭିତର ଗଇ ?

ସୂତାକୁ ମାଜିଲେ ସରୁ
କଥାକୁ ମାଜିଲେ ଗରୁ ।

ହକ୍ କଥା ନିମ୍ବ ତିଅଣ
ପହିଲେ ପିତା, ପଛକୁ ଗୁଣ ।

ହଜିଲା ବଳଦ ଖୋଜିଲା ଠାଇଁ !

ହାଉଲେ ହାଉଲେ ଟାଲିକି
ସରି ନୁହ ଘୋଡ଼ା ପାଲିଙ୍କି ।

ହାକିମ ଯାଏ
ହୁକୁମ ଥାଏ ।

ହାଣ୍ଡି ଖାଇର ହାଣ୍ଡିରେ ମନ
ରାତିରେ ଦେଖଇ ହାଣ୍ଡି ସପନ

ହାଣ୍ଡିରେ ଖାଏ
ଗୋଡ଼ରେ ପଡ଼ିଲେ ଗାଧୋଇ ଯାଏ ।

ହାତ ଅଳସେ ନିଶ ବଙ୍କା
ନିଶ କହେ ମୋତେ ଖଉରି ପକା ।

ହାତ ପଶୁ ପଶୁ ବାହା ପଶେ ।

ହାତରେ ନଥାଏ ଧନ
ପୁଅ ବାହା କରି ମନ ।


ହାତୀ କାଦୁଅରେ ପଡ଼ିଗଲେ
ବେଙ୍ଗ ଗୋଇଠା ମାରେ ।

ହାତୀ ଗଳି ଯାଉଛି
ପିମ୍ପୁଡ଼ି ଯିବାକୁ ବାଟ ନାହିଁ ।

ହାତୀ ବନସ୍ତରେ ଥିଲେ ବି ରଜାଙ୍କର ।

ହାତୀ ମଲେ ଲକ୍ଷେ
ଜିଇଁଲେ ଲକ୍ଷେ ।

ହାଣ୍ଡି ଭାଙ୍ଗିଲେ ଖପରା
ମନ ଭାଙ୍ଗିଲେ ଛୋପରା ।



କ୍ଷୀରରେ ଧୋଇଲେ
ଖଣ୍ଡରେ ମୋହିଁଲେ
ନିମ୍ବ କି ମଧୁର ହୋଇବ
ଯେତେ ପରକାରେ ବୁଝାଇ କହିଲେ
ପର କି ଆପଣା ହୋଇବ ।